# Akashvani, Sambalpur

## SAMBALPURI NEWS BULLETIN

### 5 July 2025- 6.47- 6.52 am.

*********************************************

ବାହୁଡ଼ାଯାତ୍ରା        ପୁରୀ ସମ୍ବାଦଦାତା

୯ ଦିନିଆ ଶ୍ରୀଗୁଣ୍ଡିଚା ଯାତ୍ରା ସହେତେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଆଡ଼ପ ଲୀଳା ଶେଷ୍ ହେଇଛେ । ଅଷାଢ଼୍ ମାସର୍ ଉଜଲ୍ ପଖର୍ ଦଶ୍‌ମୀ ତିଥି ଦିନ ଆଏଜ୍ ବାହୁଡ଼ାଯାତ୍ରାଥି ଶ୍ରୀଗୁଣ୍ଡିଚା ମନ୍ଦିର୍ ନୁ ଶ୍ରୀମନ୍ଦିର୍‌କେ ଫିର୍‌ବେ ଶ୍ରୀଜୀଉ । ବାହୁଡ଼ାଯାତ୍ରାକେ ନେଇକରି ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ପବିତ୍ର ବାହୁଡ଼ା ଯାତ୍ରାର୍ ଉଲ୍‌ଗୁନେ ମହାପ୍ରଭୁଙ୍କର୍ ବିଶେଷ୍ ନୀତି ଲାଗି ସମିଆ ଧାରିଜ୍ ହେଇଛେ । ଶ୍ରୀମନ୍ଦିର୍‌କେ ବାହୁଡ଼ିବାର୍ ଲାଗି ପୁରୀ ଶରଧାବାଲି ନ ତାଳଧ୍ୱଜ, ଦର୍ପଦଳନ ଆର୍ ନନ୍ଦିଘୋଷ ରଥ ତୟାର୍ ରହିଛନ୍ । ଦିନର୍ ୧୨ ବଜେ ଆଡ଼ପ ମଣ୍ଡପ୍‌ନୁ ଶ୍ରୀ ବିଗ୍ରହଙ୍କର୍ ପହଣ୍ଡି ଆର୍ ଉପର୍‌ବେଲା ୪ ବଜେ ରଥ୍‌ଘିଚା ମୁଲ୍ ହେବା । ବାଟେ ମାଉସୀ ମାଙ୍କର୍ ହାତୁ ମାହାପୁରୁ ମାନେ ପୋଡ଼ପିଠା ଗ୍ରହଣ୍ କର୍‌ବେ । ରାଜନଅର୍ ସାମ୍ନା ନ ଲକ୍ଷ୍ମୀ- ନାରାୟଣ ଭେଟ ହେବା । ବାହୁଡ଼ା*

*ଯାତ୍ରାର୍ ନୀତିକାନ୍ତି ଜଲ୍‌ଦି କର୍‌ବାର୍‌କେ ପ୍ରଶାସକ ଆଉ ସେବକମାନ୍‌କର୍ ଭିତ୍‌ରେ ତୟାରି ଚାଲିଛେ । ଇଥିର୍‌ଲାଗି ଗଲା ରାତିନୁ ଶ୍ରୀମନ୍ଦିର୍ ନ ନୀତିକାନ୍ତି ମୁଲ୍ ହେଇଛେ ।*

*ଆଏବା କାଏଲ୍ ବଡ଼ଦାଣ୍ଡ ନ ମାହାପୁରୁମାନ୍‌କର୍ ସୁନାବେଶ, ସୋମ୍‌ବାର୍ ଦିନ ଅଧରପଣା ନୀତି ଆଉ ମଙ୍ଗଲ୍‌ବାର୍ ଦିନ ନୀଳାଦ୍ରୀ ବିଜେ ହେବା । ଗଲାକାଏଲ୍ ଉପରବେଲା ୬ ବଜେତକ୍ ଆଡ଼ପ ମଣ୍ଡପ୍ ନ ମହାପ୍ରଭୁଙ୍କର୍ ସନ୍ଧ୍ୟାଦର୍ଶନ୍ ହେଇଥିଲା । ୩ ଲାଖ୍‌ନୁ ଅଏତ୍‌କା ଭକ୍ତ ସନ୍ଧ୍ୟା ଦର୍ଶନ୍ କରିଛନ୍ । ଦକ୍ଷିଣ୍ ମୁହାଁ ହେଇକରି ଯାତ୍ରା କରୁଥିବା ଶ୍ରୀବିଗ୍ରହମାନ୍‌କର୍ ଆଏଜ୍ ବାହୁଡ଼ାଯାତ୍ରା ବେଲ୍‌କେ ଦର୍ଶନ୍ କଲେ କୋଟି ଜନ୍ମର୍ ଫଲ୍ ମିଲ୍‌ସି ବଲି ପୁରାଣ୍‌ଥି ବର୍ଣ୍ଣିତ ରହିଛେ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୭ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଇଥିର୍‌ଲାଗି ଆଉ ପଞ୍ଜିକରଣ୍ ପ୍ରକ୍ରିୟା ନାଇଁ ହୁଏ । ଗଲା ୩୦ ତାରିଖ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ

ଅଭିଯୋଗ୍ ଶୁଣାଣି ଲାଗି ପଞ୍ଜିକରଣ୍ କରିଥିବା ଅଭିଯୋଗ୍‌କାରୀମାନେ ଆଏବା ଶୁଣାଣି ତାରିଖ୍‌କେ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ କରିପାର୍‌ବେ । ଇ ବାବ୍‌ଦେ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନ୍ତର୍ଜାତୀୟ ସମବାୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ସମବାୟ ଦିବସ । ନିରନ୍ତର ବିକାଶ୍ ଦିଗେ ସମବାୟ ସଂସ୍ଥାର୍ ଯୋଗଦାନ୍‌କେ ତହଁକାବାର୍ ଲାଗି ଅନ୍ତର୍ଜାତୀୟ ସମବାୟ ସଂଘ ତର୍‌ଫୁ ୧୯୨୩ ମସିହାଠାନୁ ଫି’ ବଛର୍ ଜୁଲାଇ ମାସର୍ ପହେଲା ଶନିବାର୍‌କେ ଇ ଦିବସ୍ ପାଲନ୍ କରାଯାଉଛେ । ୨୦୨୫ କେ ଅନ୍ତର୍ଜାତୀୟ ସମବାୟ ବଛର୍ ଭାବେ ଭିଲ୍ ମିଲିତ୍ ଜାତିସଂଘ ତର୍‌ଫୁ ପାଲନ୍ କରାଯାଉଛେ । ଇ ଅବ୍‌ସରେ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ଯୁକ୍ତ ୩ ନାଁଲେଖା-ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛର୍ ଲାଗି ଯୁକ୍ତ ୩ ପାଠ୍ୟକ୍ରମ୍‌ଥି ପହେଲା ଖେପ୍ ଓ୍ୱେଟିଂ ଲିଷ୍ଟ ଆଉ ସ୍ପଟ୍ ନାଁଲେଖା ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ

ମାର୍ଗଦର୍ଶିକା ଜାରି କରାଯାଇଛେ । ଉଚ୍ଚଶିକ୍ଷା ବିଭାଗ୍ର ବିଜ୍ଞପ୍ତି ଅନ୍‌ସାରେ ଜୁଲାଇ ୭ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ କମନ୍ ଆପ୍ଲିକେସନ୍ ଫର୍ମ ପୁରଣ କରିପାର୍‌ବେ । ଇ ସମିଆ ଭିତ୍‌ରେ ଛାତ୍ରଛାତ୍ରୀ ଇଚ୍ଛା ଅନ୍‌ସାରେ ପାଠ୍‌ପଢ଼ା ଲାଗି କଲେଜ୍ ବାଛପାର୍‌ବେ । ୧୨ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା ।

କମନ୍ ୟୁନିଭର୍‌ସିଟି ଏଂଟ୍ରାନ୍ସ ଟେଷ୍ଟ ରିଜଲ୍ଟ/ ଆର୍‌ଏନ୍‌ୟୁ ସମ୍ବଲପୁର

ନେସ୍‌ନାଲ୍ ଟେଷ୍ଟି ଏଜେନ୍ସି- ଏନ୍‌ଟିଏ ପରିଚାଲିତ୍ କମନ୍ ୟୁନିଭର୍‌ସିଟି ଏଂଟ୍ରାନ୍ସ ଟେଷ୍ଟ- ୟୁଜି ୨୦୨୫ ଫଲ୍ ଗଲାକାଏଲ୍ ବାହାରିଛେ । ଦେଶର୍ ୨ ଶହ ୩୯ ଟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଲୟ ନ ନାଁଲେଖା ଲାଗି ଇ ପରୀକ୍ଷା ହେଇଥିଲା । ଓଡ଼ିଆ ସହେତେ ୧୩ ଟା ଆଂଚଲିକ୍ ଭାଷାଥି ୩୭ ଟା ବିଷେଥି ପରୀକ୍ଷା ହେଇଥିଲା ।

ଦକ୍ଷତା ବିକାଶ୍ କର୍ମଶାଳା I&PR

ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ରାଜ୍ୟର୍ ସବୁ ଶହେ ୯୯ ଟା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ କାର୍ଯ୍ୟରତ ଭାରପ୍ରାପ୍ତ ଅଧ୍ୟକ୍ଷ ମାନ୍‌କର୍ ଦକ୍ଷତା ବିକାଶ୍ କର୍ମଶାଳା ହେଇଯାଇଛେ । ଭୁବ୍‌ନେଶ୍ୱର୍ କୃଷି

ଭବନ୍ ଠାନେ ହେଇଥିବା କର୍ମଶାଲାଥି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ଯୋଗ୍ ଦେଇକରି ବିକଶିତ ଭାରତ୍ ଗଠନ୍‌ଥି ଯୁଆନ୍ ଗୋଷ୍ଠୀର୍ ଭୂମିକା ଆଉ ଶିକ୍ଷକ୍ ଶିକ୍ଷାର୍ଥୀମାନ୍‌କର୍ ମାର୍ଗଦର୍ଶନ୍ ଉପ୍‌ରେ କହିଥିଲେ ।

ସ୍ପେଶାଲ୍ ଓଟିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରାଥମିକ ବିଦ୍ୟାଳୟ ନ ନିୟୋଜିତ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି ସ୍ୱତନ୍ତ୍ର ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା- ସ୍ପେଶାଲ୍ ଓଟିଇଟି ଆଏବା ୨୦ ତାରିଖ୍ ହେବା । ପରୀକ୍ଷା ଲାଗି ଇଥର ୭୫ ହଜାର୍ ୪ ଶହ ୩ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଆବେଦନ୍ କରିଛନ୍ । ୩୦ ଟା ଜିଲ୍ଲା ମୁଖ୍ୟାଲୟ ନ ଶହେ ୯୩ ଟା କେନ୍ଦ୍ର ନ ପରୀକ୍ଷା କରାଯିବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲ୍‌ପୁର୍‌ର ୨ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମାନିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଲାଗି ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ବ୍ଲକ୍ ଗୋପାଲ୍‌ପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ମାନେଶ୍ୱର୍ ବ୍ଲକ୍ ତବ୍‌ଲା ଉପସ୍ୱାସ୍ଥ୍ୟ କେନ୍ଦ୍ର ଜାତୀୟସ୍ତର୍‌ଥି ସମ୍ମାନିତ୍ ହେଇଛେ । ସ୍ୱାସ୍ଥ୍ୟସେବା

ବାବଦ୍ ୭ ଟା ବର୍ଗଥି ଭଲ୍ ପ୍ରଦର୍ଶନ୍ ଲାଗି ଦୁହି ସ୍ୱାସ୍ଥ୍ୟକେନ୍ଦ୍ରକେ 'ନେସ୍‌ନାଲ୍ କ୍ୱାଲିଟି ଏସିଓରେନ୍ସ ଷ୍ଟାଣ୍ଡାର୍ଡ ସାର୍ଟିଫିକେଟ୍' ମିଲିଛେ । ଗଲାମାସ କେନ୍ଦ୍ରୀୟ ଟିମ୍ ସମ୍ବଲ୍‌ପୁର୍ ଗସ୍ତ କରିକରି ଦୁହି ଡାକ୍ତର୍‌ଖାନାର୍ ଭିତିଭୂମି ଆଉ ସ୍ୱାସ୍ଥ୍ୟସେବାର୍ ଥିତି ଅନୁଧ୍ୟାନ୍ କର୍‌ବାର୍ ଉତ୍‌ରୁ ଇ ପୁରସ୍କାର୍ ମିଲିଥିବାର୍ ଜନାପଡ଼ିଛେ ।

ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତରାଷ୍ଟ୍ର ଆମେରିକାର୍ ବର୍ମିଂ ହୋମ୍ ଠାନେ ଚାଲିଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା-୨୦୨୫ ଥି ଗଲାକାଏଲ୍ ଓଡ଼ିଶାକେ ୨ ଟା ସ୍ୱର୍ଣ୍ଣ ଆଉ ଗୁଟେ କାଂସ୍ୟ ପଦକ୍ ମିଲିଛେ । କନ୍‌ଷ୍ଟେବଲ୍ ରୀତେଶ୍ ରାୟ କରାଟେ ୪୪ କିଲୋଗ୍ରାମ୍ ବର୍ଗଥି ସ୍ୱର୍ଣ୍ଣପଦକ୍ ଜିତିଥିଲା ବେଲ୍‌କେ ୫ ହଜାର୍ ମିଟର୍ ଦୌଡ଼ ପୁରୁଷ ବର୍ଗଥି କନ୍‌ଷ୍ଟେବଲ୍ ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣପଦକ୍ ଜିତିଛନ୍ । ସେନ୍ତା କରାଟେଥି ଅଭିଷେକ୍ ପଟ୍ଟନାୟକ୍ ବ୍ରୋଂଚ୍ ପଦକ୍ ଜିତିଛନ୍ ।